GOVERNMENT OF ODISHA
INDUSTRIES DEPARTMENT
***

OSWAS DIARY
No.............
Date.............

## RESOLUTION

No. 7046 /I., Bhubaneswar, Dated 19/9/2024
IND-HI2-INVPRO-0005-2024

**SUB: Constitution of dedicated Task Force to address industrial issues and strategize for rapid industrialization of Keonjhar District.**

In order to accelerate the pace of industrialization in the State, with a specific focus on Keonjhar District, the Government, after careful consideration, have been pleased to establish a dedicated Task Force under the chairpersonship of Chief Secretary, Odisha to address industrial issues and strategize for the rapid industrialization of Keonjhar District with the following members:

| | |
|---|---|
| 1. Chief Secretary, Government of Odisha | **-Chairperson** |
| 2. Secretary to Govt., Steel & Mines Department, Odisha | -Member |
| 3. Secretary to Govt., Industries Department, Odisha | -Member Convenor |
| 4. Secretary to Govt., Commerce & Transport Deptt., Odisha | -Member |
| 5. Secretary to Govt., Works Department, Odisha | -Member |
| 6. Managing Director, OMC | -Member |
| 7. Managing Director, IPICOL | -Member |
| 8. Managing Director, IDCO | -Member |
| 9. Collector, Keonjhar | -Special Invitee |
| 10. Other members as desired by the chair | -Member |

**Terms of Reference for the Task Force**

The key functions of the Task Force shall include:

1. Strategic Planning:
    - The Task Force shall be responsible for developing a comprehensive strategy for the industrial development of Keonjhar District, focusing on the establishment of Mega Steel Plants and other related industries.
2. Land Parcel Identification:
    - The Task Force shall identify suitable land parcels for rapid industrial development.
    - The Task Force may also look into the land related matters regarding the 2500 acres OTL land, 500 acres KIW Badbil land, and 460 acres Nayagarh

H-Amat
20/09/24

land parcels and suggest necessary measures for development of industries in these land parcels.

3. Investor Engagement:
    - A key activity of the Task Force shall be identification and engagement with prospective investors, particularly those interested in setting up Mega Steel Plants, and facilitate their entry into the district.
4. Roadmap Development:
    - The Task Force shall develop a detailed roadmap with clear timelines and milestones for the implementation of industrial projects in Keonjhar District.
5. Policy Recommendations:
    - The Task Force shall suggest necessary policy interventions and support mechanisms required to foster a conducive environment for industrial growth in the district.

**ORDER** - Ordered that the Resolution be published in an extraordinary issue of the Odisha Gazette.

By order of the Governor

19/09/24

Principal Secretary to Government
Industries Department

Memo No. 7047 /I., Bhubaneswar, dated 19/9/2024

Copy forwarded to the Director of Printing, Stationery & Publication, Odisha, Cuttack with a request to kindly publish the Resolution in the extra ordinary issue of the Odisha Gazette and supply 100 copies to this Department immediately.

19.09.2024

Special Secretary to Government

Memo No. 7048 /I., Bhubaneswar, dated 19/9/2024

Copy forwarded to the Odisha Gazette Cell in-charge, Odisha Gazette Cell, C/o Commerce & Transport (C) Department for information with a request to take appropriate action to publish the Resolution in the next extraordinary issue of the Odisha Gazette.

19.09.2024

Special Secretary to Government

Memo No. 7049 /I., Bhubaneswar, dated 19|9|2024

Copy forwarded to Private Secretary to Chief Minister/ OSD to Minister, Steel & Mines/ OSD to Minister, Industries/ OSD to Chief Secretary, Odisha/ P.S. to Development Commissioner-cum-A.C.S., Odisha/ OSD to Principal Secretary to Government, Industries Department for kind information of Hon'ble Chief Minister, Odisha, Hon'ble Minister, Chief Secretary, Odisha, D.C.-cum-A.C.S., Odisha and Principal Secretary, Industries Department.

19.09.2024

Special Secretary to Government

Memo No. 7050 /I., Bhubaneswar, dated 19|9|2024

Copy forwarded to Department of Water Resources/ Energy Department/ Forest, Environment & CC Department/ Revenue & DM Department/ Revenue Divisional Commissioner (CD), Cuttack/ Director of Industries, Odisha, Cuttack/ Collector, Keonjhar/ All Members for information.

19.09.2024

Special Secretary to Government

Memo No. 7051 /I., Bhubaneswar, dated 19|9|2024

Copy forwarded to the IMU Cell, Industries Department, Odisha for information and necessary action.

They are requested to upload this Resolution in the website of Industries Department for general information.

19.09.2024

Special Secretary to Government

Memo No. 7052 /I., Bhubaneswar, dated 19|9|2024

Copy forwarded to Guard File (10 copies) for information.

19.09.2024

Special Secretary to Government

**ଓଡ଼ିଶା ସରକାର**

**ଶିଳ୍ପ ବିଭାଗ**

****

**<u>ସଂକଳ୍ପ</u>**

ସଂଖ୍ୟା. ୩୦୪୬ / ଶିଳ୍ପ; ଭୁବନେଶ୍ୱର, ତାରିଖ: ୧୯|୯|୨୦୨୪

IND-HI2-INVPRO-0005-2024

**ବିଷୟ: ଶିଳ୍ପ ସମସ୍ୟାର ସମାଧାନ ଏବଂ କେନ୍ଦୁଝର ଜିଲ୍ଲାର ଦ୍ରୁତ ଶିଳ୍ପାୟନ ପାଇଁ ରଣନୀତି ପ୍ରସ୍ତୁତ କରିବାକୁ ଉତ୍ସର୍ଗୀକୃତ ଟାସ୍କ ଫୋର୍ସର ଗଠନ ।**

କେନ୍ଦୁଝର ଜିଲ୍ଲା ଉପରେ ବିଶେଷ ଗୁରୁତ୍ୱ ସହ ରାଜ୍ୟରେ ଶିଳ୍ପାୟନର ଗତିକୁ ତ୍ୱରାନ୍ୱିତ କରିବା ନିମନ୍ତେ ସରକାର ସଯତ୍ନ ବିଚାର କରୁଥିଲେ ଏବଂ ଶିଳ୍ପ ସମସ୍ୟାର ସମାଧାନ ତଥା କେନ୍ଦୁଝର ଜିଲ୍ଲାର ଦ୍ରୁତ ଶିଳ୍ପାୟନ ପାଇଁ ରଣନୀତି ପ୍ରସ୍ତୁତ କରିବା ପାଇଁ ସରକାର ମୁଖ୍ୟ ଶାସନ ସଚିବ, ଓଡିଶାଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କ ଫୋର୍ସ ଗଠନ କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି । ଏହି ଟାସ୍କ ଫୋର୍ସ ନିମ୍ନ ମତେ ଗଠନ କରାଗଲା:

| | |
|---|---|
| ୧. ମୁଖ୍ୟ ଶାସନ ସଚିବ, ଓଡ଼ିଶା | **-ସଭାଧ୍ୟକ୍ଷ** |
| ୨. ଶାସନ ସଚିବ, ଇସ୍ପାତ ଏବଂ ଖଣି ବିଭାଗ | -ସଦସ୍ୟ |
| ୩. ଶାସନ ସଚିବ, ଶିଳ୍ପ ବିଭାଗ | -ସଦସ୍ୟ ଆବାହକ |
| ୪. ଶାସନ ସଚିବ, ବାଣିଜ୍ୟ ଏବଂ ପରିବହନ ବିଭାଗ | -ସଦସ୍ୟ |
| ୫. ଶାସନ ସଚିବ, ପୂର୍ତ୍ତ ବିଭାଗ | -ସଦସ୍ୟ |
| ୬. ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ଖଣି ନିଗମ | -ସଦସ୍ୟ |
| ୭. ପରିଚାଳନା ନିର୍ଦ୍ଦେଶକ, ଇପିକଲ | -ସଦସ୍ୟ |
| ୮. ପରିଚାଳନା ନିର୍ଦ୍ଦେଶକ, ଇଡ୍‌କୋ | -ସଦସ୍ୟ |
| ୯. ଜିଲ୍ଲାପାଳ, କେନ୍ଦୁଝର | -ବିଶେଷ ନିମନ୍ତ୍ରିତ ସଦସ୍ୟ |
| ୧୦. ସଭାଧ୍ୟକ୍ଷଙ୍କ ଅନୁଯାୟୀ ଅନ୍ୟ କୌଣସି ସଦସ୍ୟ | -ସଦସ୍ୟ |

<u>ଟାସ୍କ ଫୋର୍ସ ପାଇଁ ସର୍ତ୍ତାବଳୀ (Terms of Reference)</u>

ଟାସ୍କ ଫୋର୍ସର ମୁଖ୍ୟ କାର୍ଯ୍ୟବଳି:

1. ରଣନୀତିକ ଯୋଜନା:

- ମେଗା ଷ୍ଟିଲ ପ୍ଲାଣ୍ଟ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଶିଳ୍ପ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେଇ କେନ୍ଦୁଝର ଜିଲ୍ଲାର ଶିଳ୍ପ ବିକାଶ ପାଇଁ ଏକ ବିସ୍ତୃତ ରଣନୀତି ଟାସ୍କ ଫୋର୍ସ ଦ୍ୱାରା ପ୍ରସ୍ତୁତ କରାଯିବ ।

2. ଉପଯୁକ୍ତ ଜମି ଚିହ୍ନଟ :

- ଟାସ୍କ ଫୋର୍ସ ଦ୍ୱାରା ଦ୍ରୁତ ଶିଳ୍ପ ବିକାଶ ପାଇଁ ଉପଯୁକ୍ତ ଜମି ଚିହ୍ନଟ କରାଯିବ ।
- 2500 ଏକର OTL ଜମି, 500 ଏକର KIW ବଡବିଲ୍ ଜମି ଏବଂ 460 ଏକର ନୟାଗଡ଼ର ଜମି ସମ୍ବନ୍ଧୀୟ ବିଷୟକୁ ଟାସ୍କ ଫୋର୍ସ ଦ୍ୱାରା ଅନୁଧ୍ୟାନ କରାଯାଇ ଉକ୍ତ ଜମି ଗୁଡିକରେ ଶିଳ୍ପ ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ପାଇଁ ପରାମର୍ଶ ଦିଆଯିବ ।

3. ନିବେଶକଙ୍କ ସହିତ ଆଲୋଚନା:

- ନିବେଶକ ଏବଂ ପୁଞ୍ଜିପତି ବିଶେଷକରି ଯେଉଁମାନେ ମେଗା ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଇଚ୍ଛୁକ, ତାଙ୍କ ସହିତ ଆଲୋଚନା ଏବଂ ସେମାନଙ୍କୁ ଜିଲ୍ଲାରେ ସୁବିଧା ସୁଯୋଗ ଯୋଗାଇବା ଟାସ୍କ ଫୋର୍ସର ଏକ ପ୍ରମୁଖ କାର୍ଯ୍ୟକଳାପ ।

4. ରୋଡମ୍ୟାପ୍ ପ୍ରସ୍ତୁତି:

- କେନ୍ଦୁଝର ଜିଲ୍ଲାରେ ଶିଳ୍ପୋଦ୍ୟୋଗିକ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଏବଂ ମାଇଲଖୁଣ୍ଟ ସହିତ ଏକ ବିସ୍ତୃତ ରୋଡ୍ ମ୍ୟାପ୍ ଟାସ୍କ ଫୋର୍ସ ଦ୍ୱାରା ପ୍ରସ୍ତୁତ କରାଯିବ ।

5. ନୀତି ସୁପାରିଶ:

- ଜିଲ୍ଲାର ଶିଳ୍ପ ଅଭିବୃଦ୍ଧି ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ ଆବଶ୍ୟକ ନୀତିଗତ ହସ୍ତକ୍ଷେପ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ବାବଦରେ ଟାସ୍କ ଫୋର୍ସ ଦ୍ୱାରା ପରାମର୍ଶ ଦିଆଯିବ ।

ଆଦେଶ – ଏହି ସଂକଳ୍ପକୁ ଓଡିଶା ଗେଜେଟ୍ ର ସ୍ୱତନ୍ତ୍ର ନିର୍ଗମନରେ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦିଆଗଲା ।

ରାଜ୍ୟପାଳଙ୍କ ନିର୍ଦ୍ଦେଶରେ

୧/୮/୨୪

ପ୍ରମୁଖ ଶାସନ ସଚିବ
ଶିଳ୍ପ ବିଭାଗ

ଜ୍ଞାପକ ସଂ. ୩୦୪୭ /।. ତାରିଖ ୧୯|୯|୨୦୨୪.

ଏହାର ଏକକିତା ନକଲ ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନ ନିର୍ଦ୍ଦେଶକ, ଓଡ଼ିଶା, କଟକଙ୍କ ନିକଟକୁ ଅବଗତି ଓ ଓଡ଼ିଶା ଗେଜେଟ୍ ର ସ୍ୱତନ୍ତ୍ର ନିର୍ଗମନରେ ଏହି ସଂକଳ୍ପ ପ୍ରକାଶ କରିବା ସହିତ ସରକାରୀ ବ୍ୟବହାର ପାଇଁ ଏହି ବିଭାଗକୁ 100 ନକଲ ଯୋଗାଇଦେବା ନିମିତ୍ତ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

୧୯.୦୯.୨୦୨୪

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂ. ୩୦୪୮ /।. ତାରିଖ ୧୯|୯|୨୦୨୪.

ଏହାର ଏକକିତା ନକଲ ଓଡ଼ିଶା ଗେଜେଟ୍ ସେଲ୍ ଭାରପ୍ରାପ୍ତ ଅଧିକାରୀ, ଓଡ଼ିଶା ଗେଜେଟ୍ ସେଲ୍, ବାଣିଜ୍ୟ ଓ ପରିବହନ (ବାଣିଜ୍ୟ) ବିଭାଗଙ୍କୁ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଏହା ସହିତ ଏହି ସଂକଳ୍ପକୁ ଓଡ଼ିଶା ଗେଜେଟ୍ ର ସ୍ୱତନ୍ତ୍ର ନିର୍ଗମନରେ ପ୍ରକାଶ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରାଗଲା ।

୧୯.୦୯.୨୦୨୪

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂ. ୩୦୪୯ /।. ତାରିଖ ୧୯|୯|୨୦୨୪.

ଏହାର ଏକକିତା ନକଲ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ / ମାନ୍ୟବର ଇସ୍ପାତ ଏବଂ ଖଣି ମନ୍ତ୍ରୀଙ୍କ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ/ ମାନ୍ୟବର ଶିକ୍ଷ ମନ୍ତ୍ରୀଙ୍କ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ/ ମୁଖ୍ୟ ଶାସନ ସଚିବଙ୍କ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ/ ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବ / ପ୍ରମୁଖ ଶାସନ ସଚିବ, ଶିକ୍ଷ ବିଭାଗଙ୍କ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀଙ୍କ ନିକଟକୁ ମାନ୍ୟବର ମୁଖ୍ୟମନ୍ତ୍ରୀ / ମାନ୍ୟବର ଇସ୍ପାତ ଏବଂ ଖଣି ମନ୍ତ୍ରୀ/ ମାନ୍ୟବର ଶିକ୍ଷ ମନ୍ତ୍ରୀ / ମୁଖ୍ୟ ଶାସନ ସଚିବ / ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ / ପ୍ରମୁଖ ଶାସନ ସଚିବ, ଶିକ୍ଷ ବିଭାଗଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୧୯.୦୯.୨୦୨୪

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂ . ୩୦୪୦ /I. ତାରିଖ ୧୯|୯|୨୦୨୪.

ଏହାର ଏକକିତା ନକଲ ଜଳ ସମ୍ପଦ ବିଭାଗ / ଶକ୍ତି ବିଭାଗ/ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ / ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ / ରାଜସ୍ୱ କମିଶନର (କେନ୍ଦ୍ରାଞ୍ଚଳ), କଟକ / ଶିକ୍ଷ ନିର୍ଦ୍ଦେଶକ, ଓଡିଶା , କଟକ / ଜିଲ୍ଲାପାଳ, କେନ୍ଦୁଝର / ଟାସ୍କ ଫୋର୍ସ ର ସମସ୍ତ ସଦସ୍ୟଙ୍କ ନିକଟକୁ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୧୯.୯.୨୦୨୪

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂ . ୩୦୪୧ /I. ତାରିଖ ୧୯|୯|୨୦୨୪

ଏହାର ଏକକିତା ନକଲ IMU ସେଲ୍, ଶିକ୍ଷ ବିଭାଗ, ଓଡିଶା ଙ୍କ ନିକଟକୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ଶିକ୍ଷ ବିଭାଗର ୱେବସାଇଟରେ ଏହି ସଂକଳ୍ପକୁ ଅପଲୋଡ୍ କରିବାକୁ ସେମାନଙ୍କୁ ଅନୁରୋଧ କରାଗଲା ।

୧୯.୦୯.୨୦୨୪

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂ . ୩୦୪୨ /I. ତାରିଖ ୧୯|୯|୨୦୨୪

ଏହାର ଏକକିତା ନକଲ ସୂଚନା ପାଇଁ ଗାର୍ଡ ଫାଇଲ୍ (10 ନକଲ) କୁ ପଠାଗଲା ।

୧୯.୦୯.୨୦୨୪

ସ୍ୱତନ୍ତ୍ର ଶାସନ ସଚିବ